## ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଗ୍ନିନିର୍ବାପକ ଭିତ୍ତିଭୂମି ଯାଞ୍ଚ

ବ୍ରହ୍ମପୁର, (ସୁବାସ ଚନ୍ଦ୍ର ପାଢ଼ୀ): ଅଗ୍ନିଶମ ବିଭାଗ ସହ ବିଭିନ୍ନ ବିଭାଗର ଅଧିକାରୀ ଦଳ ଗୁରୁବାର ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଗ୍ନି ନିର୍ବାପକ ଭିତ୍ତିଭୂମି ଯାଞ୍ଚ କରିଛନ୍ତି। ଦିଗପହଣ୍ଡି, କୁକୁଡାଖଣ୍ଡି, ସାନଖେମୁଣ୍ଡି, ପାତ୍ରପୁର, କେଲୁଆପଲ୍ଲୀ ଓ ଚିକିଟି ବ୍ଲକ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକରେ ଏହି ଯାଞ୍ଚ କରାଯାଇଛି। ଯନ୍ତ୍ରପାତି ସହ ଉପକରଣର ରକ୍ଷଣାବେକ୍ଷଣ ଓ ଆବଶ୍ୟକ ସାମଗ୍ରୀକୁ ଅନୁଷ୍ଠାନରେ ରଖିବାକୁ ପରାମର୍ଶ ଦିଆଯାଇଛି। ଅଘଟଣ ଘଟିଲେ ସୁରକ୍ଷା ଓ ନିରାପତ୍ତା ଯୋଗାଇବା ଦରକାର ବୋଲି ଅଗ୍ନିଶମ ବିଭାଗର ଏଏଫଓ ଠାକୁର ପ୍ରସାଦ ଦଳେଇ କହିଛନ୍ତି।

### ସଂକ୍ଷେପରେ

## ସେକ୍ସ ରାକେଟ ଠାବ ଘଟଣା: ରାଣୀ ମହୁମାଛି ,ଦଲାଲ ଓ ୨ ଗ୍ରାହକ ଗିରଫ

ବ୍ରହ୍ମପୁର, ୨୬।୩(ସୁବାସ ଚନ୍ଦ୍ର ପାଢ଼ୀ) ନିମାଖଣ୍ଡି ଥାନା ଏସଆଇ ଅଭିଷେକ ପଣ୍ଡାବଙ୍କ ରିପୋର୍ଟ ଆଧାରରେ ପୋଲିସ ବୁଧବାର ରାତ୍ର ଅମରାବତି ନଗର, ଭାବିନିପୁର ଅଞ୍ଚଳର ଏକ ଭଡ଼ା ଘରେ ଚଢଉ କରିଥିଲା। ଏକଜିକ୍ୟୁଟିଭ ମ୍ୟାଜିଷ୍ଟ୍ରେଟ ଓ ସ୍ୱାଧୀନ ସାକ୍ଷୀଙ୍କ ଉପସ୍ଥିତିରେ ଏହି ଅଭିଯାନ ଚାଲିଥିଲା। ରେଡ ସମୟରେ ଘର ଭିତରେ ୫ ବ୍ୟକ୍ତିଙ୍କୁ ପୋଲିସ ଧରିଥିଲା। ସେମାନଙ୍କ ମଧ୍ୟରୁ ରାଣୀ ମହୁମାଛି , ଦଲାଲ ଓ ଦୁଇ ଗ୍ରାହକଙ୍କୁ ବାନ୍ଧିଛି। ଅଭିଯୁକ୍ତ ମାନେ ହେଲେ କେ.ନୂଆଗାଁ ବୋମାକେଇ ଅଞ୍ଚଳର ବି. ଭାଗ୍ୟଶ୍ରୀ(୩୩), ଲୋଚାପଡ଼ା ମେନ ରୋଡ ଭୈରବୀ ମନ୍ଦିର ନିକଟ ଗଙ୍ଗାଧର ସାହୁ (୩୧), ଆନ୍ଧ୍ରପ୍ରଦେଶଶ୍ରୀକାକୁଲମ ଜିଲାର ଭି.ମଣିକାନ୍ତ(୨୪),ଏ.କିଶୋର ରାଓ(୨୮)। ମାମଲା ନଂ. ୮୦/୨୬ ରେ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ପୋଲିସ ଘର ମାଲିକଙ୍କୁ ନୋଟିସ କରିଛି। ସେଠାରେ ବର୍ଷେ ହେଲା ସେକ୍ସ ରାକେଟ ଚାଲିଥିବା ଜଣାପଡିଛି।

## ଭାରୋତ୍ତୋଳନରେ ଦୀପାରାଣୀଙ୍କୁ ରୌପ୍ୟ



ଚିକିଟି, ୨୬।୩ (ପ୍ରକାଶ ଚନ୍ଦ୍ର ସାହୁ ) ଛତିଶଗଡ ରାଇପୁର ସ୍ଥିତ ପଣ୍ଡିତ ରବି ଶଙ୍କର ବିଶ୍ୱ ବିଦ୍ୟାଳୟର ଖେଳ ପଡ଼ିଆ ପରିସରରେ ଗୁରୁବାର ଜାତୀୟସ୍ତରୀୟ ଉଦ୍‌ଘାଟିତ ହୋଇଛି। ଏହି ପ୍ରତିଯୋଗିତା ଦୀର୍ଘ ୪ ଦିନ ଧରି ଚାଲିଯିବ। ପ୍ରଥମ ଦିନରେ ଭାରତ୍ତୋଳନ ପ୍ରତିଯୋଗିତାରେ ଓଡ଼ିଶାର ଦୀପା ରାଣୀ ମଲ୍ଲିକ ୪୮ କିଲୋ ଗ୍ରାମ ବର୍ଗରେ ରୌପ୍ୟ ପଦକ ଜିତି ରାଜ୍ୟ ପାଇଁ ସୁନାମ ଆଣିଛନ୍ତି। ସୂଚନାଯୋଗ୍ୟ, ଚିକିଟିଗଡ଼ ସ୍ଥିତ ରାଜଲକ୍ଷ୍ମୀ ବାଳିକା ବିଦ୍ୟାପୀଠର ଦଶମ ଶ୍ରେଣୀ ଦୀପା ରାଣୀ ପାଠ ପଢ଼ନ୍ତି। ଚିକିଟି ପେଣ୍ଠ ସ୍ଥିତ ଇଣ୍ଡୋ ଷ୍ଟାଡ଼ିୟମରେ ଦାମିନୀ ସାହୁଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ।

# ପୁନଃ ନିର୍ମାଣ କାର୍ଯ୍ୟ ଶୀଘ୍ର ସାରିବାକୁ ନିର୍ଦ୍ଦେଶ

## ନଗର ସ୍ୱାସ୍ଥ୍ୟ ମିଶନ କାର୍ଯ୍ୟର ସମୀକ୍ଷା




କାର୍ଯ୍ୟକ୍ରମରେ ଉପସ୍ଥିତ ମେୟର ଓ କମିଶନରଙ୍କ ସହ ଅନ୍ୟମାନେ।

ବ୍ରହ୍ମପୁର,୨୬।୩(ଅଶୋକ କୁମାର ସାହୁ) ବ୍ରହ୍ମପୁର ମହାନଗର ନିଗମ ଅଡିଟୋରିଅମରେ ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ ଅନ୍ତର୍ଗତ ନବମ ନଗର ସୱାସ୍ଥ୍ୟ ମିଶନ, ଦ୍ୱିତୀୟ ପରିଚାଳନା ସମିତି ଓ ତୃତୀୟ କାର୍ଯ୍ୟନିର୍ବାହୀ ସମିତିର କାର୍ଯ୍ୟ ସମୀକ୍ଷା କରାଯାଇଛି। କାର୍ଯ୍ୟକ୍ରମରେ ମେୟର ସଂଘମିତ୍ରା ଦଳେଇ ସଭାପତିତ୍ୱ କରି କହିଲେ ଯେ, ବ୍ରହ୍ମପୁର ସହରର ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକରେ ବିଭିନ୍ନ ପୁନଃନିର୍ମାଣ କାର୍ଯ୍ୟ ଚାଲିଛି। ଏହି କାର୍ଯ୍ୟକୁ ନେଇ ପୂର୍ତ୍ତ ବିଭାଗ ସହ ସମୀକ୍ଷା କରାଯାଇଛି। ସମସ୍ତ କାର୍ଯ୍ୟ ଆସନ୍ତା ୧୫ ତାରିଖ ସୁଦ୍ଧା ଶୀଘ୍ର ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସମିତିର ସଭାପତି ତଥା କମିଶନର ଏ. ଶସ୍ୟା ରେଡ୍ଡୀ କହିଲେ ଯେ, ଆଗକୁ ଗରମ ଲହରୀ ଆସିବ। ତେଣୁ ସହରର ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଗୁଡିକରେ ଆସନ୍ତା ମାସ ୧ ତାରିଖ ସୁଦ୍ଧା ଅଂଶୁଘାତ ଜନିତ ପ୍ରତିକାର ବ୍ୟବସ୍ଥା କରିବାକୁ ବିଭାଗକୁ ପରାମର୍ଶ ଦେଇଥିଲେ। ଲାଞ୍ଜିପଲ୍ଲୀ ସ୍ଥିତ ସହରାଞ୍ଚଳ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରକୁ ଆସନ୍ତା ମାସ ପ୍ରଥମ ସପ୍ତାହ ସୁଦ୍ଧା ୱାର୍ଡ ନଂ. ୩୮ ସ୍ଥିତ ୱାର୍ଡ ଅଫିସକୁ ସ୍ଥାନାନ୍ତରିତ କରିବାକୁ ପରାମର୍ଶ ଦେଇଥିଲେ। ଅତିରିକ୍ତ ଜିଲା ସହରାଞ୍ଚଳ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଶରତ କୁମାର ସାମଲ ମିଶନ ଉପରେ ଧାରଣା ଦେଇଥିଲେ। ନଗର କାର୍ଯ୍ୟପରିଚାଳକ ଲମ୍ବୋଦର ଦିଗଲ ମିଶନ ଦ୍ୱାରା ସହରରେ ଗୋଷ୍ଠୀ ଓ ସ୍ୱାସ୍ଥ୍ୟ କେନ୍ଦ୍ର ସହିତ ସମନ୍ୱୟ ରକ୍ଷା କରି ଅନୁଷ୍ଠିତ ଟୀକାକରଣ, ଜାତୀୟ ଗୁଣାତ୍ମକ ମାନକ, କାୟାକଳ୍ପ, ମମତା ଦିବସ, ଆମ କ୍ଲିନିକ, ଗୋଷ୍ଠୀ ସ୍ତରରେ ବିଭିନ୍ନ ପ୍ରକାରର ସ୍ୱାସ୍ଥ୍ୟ ସେବା, ବର୍ଜ୍ୟବସ୍ତୁ ପରିଚାଳନା, ଇ-ସଞ୍ଜିବନୀ ଇତ୍ୟାଦି ବିଷୟରେ କହିଥିଲେ। ଆସନ୍ତା ମାସ ୧ ତାରିଖ ଠାରୁ ଆସିକା ରୋଡ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜରାୟୁ କର୍କଟ ଟୀକାକରଣ ଆରମ୍ଭ କରିବାକୁ ନିଷ୍ପତ୍ତି ହୋଇଥିଲା। ଏହା ଦ୍ୱାରା ସହରର ସମସ୍ତ ୧୪ ରୁ ୧୫ ବର୍ଷର କିଶୋରୀ ବାଳିକାଙ୍କୁ ଟୀକାକରଣ କରିବା ଲକ୍ଷ୍ୟ ରଖାଯାଇଅଛି। ଏହି ବୈଠକରେ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ବାଲୁଙ୍କେଶ୍ୱର ଷଡ଼ଙ୍ଗୀ, ନଗର ସ୍ୱାସ୍ଥ୍ୟ ଅଧିକାରୀ ଡା.ମାନସ ରଞ୍ଜନ ପଣ୍ଡା, ପୂର୍ତ୍ତ ବିଭାଗ ଅଧିକାରୀ, ମହିଳା ଓ ଶିଶୁ କଲ୍ୟାଣ ବିଭାଗର କର୍ମଚାରୀ ଓ ସହରାଞ୍ଚଳର ମିଶନର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ମହଙ୍ଗା ଭତ୍ତା ଦେବାକୁ ଇପିଏଫ୍ ପେନସନର୍ସ ସଂଘର ଦାବି

ବ୍ରହ୍ମପୁର,୨୬।୩(ଅଶୋକ କୁମାର ସାହୁ) ଗଞ୍ଜାମ ଜିଲା ଇପିଏଫ୍ ପେନସନର୍ସ ସଙ୍ଘ ଶାଖା ତରଫରୁ ଆଞ୍ଚଳିକ ଭବିଷ୍ୟନିଧି କାର୍ଯ୍ୟାଳୟ ଠାରେ ଧାରଣା ଦିଆଯାଇଛି। ସଭାପତି ରମେଶ ଚନ୍ଦ୍ର ସାହୁ ଓ ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ଶତପଥିଙ୍କ ନେତୃତ୍ୱରେ ସଦସ୍ୟମାନେ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ସମାଜସେବୀ ତଥା ସଂଗ୍ରାମୀ ତ୍ରିନାଥ ମହାରଣା କହିଲେ ସରକାରଙ୍କ ନିର୍ଦ୍ଦେଶରେ ୨୦୦୩ରୁ ରାଜ୍ୟର ୭ ହଜାର କର୍ମଚାରୀ ସ୍ୱେଚ୍ଛାକୃତ ଅବସର ନେଇଥିଲେ। ଉକ୍ତ ଆଇନକୁ ୨୦୧୪ରେ ସରକାର କାର୍ଯ୍ୟକରୀ କଲେ। ବର୍ତ୍ତମାନ ଅବସରପ୍ରାପ୍ତ କର୍ମଚାରୀ ପ୍ରତିମାସରେ ୭୦୦ରୁ ୧୨୦୦ଟଙ୍କା ପାଉଛନ୍ତି ଯାହାକି ଚାହା ଖର୍ଚ୍ଚକୁ ନିଅଣ୍ଟ। କିନ୍ତୁ ବିଧାୟକ ଓ ସାଂସଦଙ୍କୁ ଘରଭଡା, ଫୋନଖର୍ଚ୍ଚ ସମେତ ବିଭିନ୍ନ ଖର୍ଚ୍ଚ ପାଇଁ ଲକ୍ଷାଧିକ ଟଙ୍କା ବ୍ୟୟ କରାଯାଉଥିବାବେଳେ ଦରମା ବୃଦ୍ଧି ପାଇଁ ବିଧାନସଭା ଓ ସଂସଦରେ ଦାବି ହେଉଛି। କିନ୍ତୁ ଅବସରପ୍ରାପ୍ତ କର୍ମଚାରୀଙ୍କ ନ୍ୟାୟ୍ୟଦାବୀକୁ ବିଧାନସଭାରେ ଓ ସାଂସଦରେ ଗୁରୁତ୍ୱ ନଦେବା ପରିତାପର ବିଷୟ। ଯଦି ମାସିକ ୭ ହଜାର ଟଙ୍କା ଓ ମହଙ୍ଗା ଭତ୍ତା ଦିଆନଯାଏ ତେବେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଇପିଏଫ୍ କମିଶନରଙ୍କ ଜରିଆରେ ଏକ ଦାବିପତ୍ର ପ୍ରଧାନମନ୍ତ୍ରୀଙ୍କୁ ଦିଆଯାଇଛି।

## ଓଡ଼ିଶା ଦିବସ ପାଳନ ପାଇଁ ବିଭିନ୍ନ ପ୍ରତିଯୋଗିତା



ପ୍ରତିଯୋଗୀତାରେ ଭାଗ ନେଇଥିବା ଛାତ୍ରୀଛାତ୍ର।

ବ୍ରହ୍ମପୁର,୨୬ ୭।୩(ଅଶୋକ କୁମାର ସାହୁ)ବ୍ରହ୍ମପୁରରେ ଓଡ଼ିଶା ଦିବସ ପାଳନ ନିମନ୍ତେ ବକ୍ତୃତା,ସଙ୍ଗୀତ ଓ ପ୍ରବନ୍ଧ ପ୍ରତିଯୋଗିତା ସ୍ଥାନୀୟ ସହିଦ ଲକ୍ଷ୍ମଣ ନାୟକ ସ୍ମୃତି ପୌର ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଉଚ୍ଚ ବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ବକ୍ତୃତା ଓ ସଙ୍ଗୀତ ପ୍ରତିଯୋଗିତା ୨୫ ତାରିଖ ଓ ପ୍ରବନ୍ଧ ଲିଖନ ପ୍ରତିଯୋଗିତା ୨୬ ତାରିଖରେ ଅନୁଷ୍ଠିତ ହୋଇଥିଲା। ପ୍ରବନ୍ଧ ପ୍ରତିଯୋଗିତାରେ ଉଚ୍ଚ ବିଦ୍ୟାଳୟ ସ୍ତରରେ ପ୍ରଥମ ସ୍ଥାନ ଅଂଶୁମାନ ପାଣିଗ୍ରାହୀ, ଦ୍ୱିତୀୟ ଶିବରାମ ଆପଟ୍ଟ ଓ ପ୍ରତିଜ୍ଞା ପୁରୋହିତ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସ୍ତରରେ ପୂଜା ଶତପଥୀ ପ୍ରଥମ, ଅଭିପ୍ସା ପଣ୍ଡା ଦ୍ୱିତୀୟ ଓ ରିତୁ ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ମହାବିଦ୍ୟାଳୟ ସ୍ତରରେ କେ ବିଶ୍ୱେଶ୍ୱରି ପ୍ରଥମ ଓ ସଂଗୀତା ଦଳବେହେରା ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା ଉଚ୍ଚ ବିଦ୍ୟାଳୟ ସ୍ତରରେ ପ୍ରତୀକ୍ଷା ପଟ୍ଟନାୟକ ପ୍ରଥମ, ମାନ୍ୟତା ମହାନ୍ତି ଦ୍ୱିତୀୟ ଓ ପ୍ରତ୍ୟାଶା ପାଣିଗ୍ରାହୀ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସ୍ତରରେ ପ୍ରଥମ ସୁଧାଂଶୁ ମହାରଣା ,ଦ୍ୱିତୀୟ ଆଦର୍ଶ ଅଧିକାରୀ ଓ ଫାଲଗୁନି ସାହୁ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ମହାବିଦ୍ୟାଳୟ ସ୍ତରରେ ରଜନୀ ମଣ୍ଡଳ ପ୍ରଥମ ସ୍ଥାନ ଓ ପ୍ରଗତି କିରଣ ବେହେରା ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି । ଉଚ୍ଚବିଦ୍ୟାଳୟସ୍ତରୀୟବକ୍ତୃତାପ୍ରତିଯୋଗିତା ରେପିଅବିନାଶଦାସପ୍ରଥମ, କାବେରୀ ସୱାଇଁ ଦ୍ୱିତୀୟ ଓ ଆଦ୍ୟାଶା ପ୍ରିୟଦର୍ଶିନୀ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତିପ୍ରତିତା ପର୍ଣ୍ଣିକା ପାଢ଼ୀ, ଦ୍ୱିତୀୟ ସାଗରିକା ଆଚାର୍ଯ୍ୟ ଓ ଶିବପ୍ରସାଦ ଦିହୁଡ଼ି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସମସ୍ତ କୃତି ପ୍ରତିଯୋଗୀମାନଙ୍କୁ ଚଳିତ ବର୍ଷ ଅନୁଷ୍ଠିତ ହେବାକୁ ଥିବା ଓଡ଼ିଶା ଦିବସ ୨୦୨୬ ର ସାଧାରଣ ସଭା ଓ ସାଂସ୍କୃତିକ ଉତ୍ସବ ରେ ବ୍ରହ୍ମପୁର ସ୍ଥିତ ଶିଳ୍ପ ତାଲିମ କେନ୍ଦ୍ରର ପ୍ରେକ୍ଷାଳୟରେ ପୁରସ୍କୃତ କରାଯିବ ।

# ହିନ୍ଦୁ ରାଷ୍ଟ୍ର ଆମର ଲକ୍ଷ୍ୟ: ପ୍ରବୀଣ ତୋଗାଡିଆ



ପୋଲସରା,୨୬।୩ (ସୁଶାନ୍ତ ମହାରଣା) ଗଞ୍ଜାମ ଜିଲା ପୋଲସରାରେ ଗୁରୁବାର ଅନ୍ତରାଷ୍ଟ୍ରୀୟ ହିନ୍ଦୁ ପରିଷଦର ସଂସ୍ଥାପକ ଡା .ପ୍ରବୀଣ ତୋଗାଡିଆ ପହଞ୍ଚିଛନ୍ତି। ସେ ପ୍ରଥମେ ମା' ତାରାତାରିଣୀଙ୍କ ଦର୍ଶନ କରି ଅପରାହ୍ନରେ ରାଣୀପଡ଼ା ନିକଟରେ ଥିବା ଶ୍ରୀରାମ ମନ୍ଦିର ପହଞ୍ଚିଥିଲେ। ପରେ ସ୍ଥାନୀୟ ପୂର୍ତ୍ତ ବିଭାଗର ଆଇବିରେ କିଛି ସମୟ ରହି ଶହଶହ ସନାତନୀ ଧର୍ମୀ ବିଭିନ୍ନ ପ୍ରକାର କଳା ପରିବେଷଣ ସହ ନାମ ସଂକୀର୍ତ୍ତନ, ରାଧାପ୍ରେମ ଲୀଳା, ଘଣ୍ଟ, ମୃଦଙ୍ଗରେ ସହର ପରିକ୍ରମା କରି ସଭାସ୍ଥଳରେ ପହଞ୍ଚିଥିଲେ। କୁନି କୁନି ଦେଶପ୍ରେମୀ ତଥା ଗଞ୍ଜାମ, ଓଡ଼ିଶା ଏବଂ ଭାରତର କଳା ସଂସ୍କୃତିକୁ ଦେଖି ବେଶ ଉତ୍ସାହିତ ହୋଇ କହିଥିଲେ ଯେ, ଆମ୍ଭେ ହିନ୍ଦୁ ରାଷ୍ଟ୍ର ଗଠନ କରିବା ପାଇଁ ବର୍ତ୍ତମାନର କୁନି କୁନି କଳାକାର ଏବଂ ଯୁବପିଢ଼ିମାନଙ୍କର ଉତ୍ତର ଦାୟିତ୍ୱ ରହିଛି। ଆମେ ହିନ୍ଦୁ, ଭାରତ ଆମର ହିନ୍ଦୁ ରାଷ୍ଟ୍ର ଭାବେ ସମଗ୍ର ବିଶ୍ୱରେ ପରିଚିତ କରିବା ପାଇଁ ଦଳମତ ନିର୍ବିଶେଷରେ ସମସ୍ତେ ପ୍ରୟାସ ଜାରି ରଖିଲେ ଆଗାମୀ ଦିନରେ ଏହା ସମ୍ପୂର୍ଣ୍ଣ ହେବ ବୋଲି କହିଥିଲେ।

## ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ବାର୍ଷିକୋତ୍ସବ

ବେଲଗୁଣ୍ଠା,୨୬।୩ (କୃଷ୍ଣ ଚନ୍ଦ୍ର ପଟ୍ଟନାୟକ) ବେଲଗୁଣ୍ଠା ବ୍ଲକ୍ ତନରଡା ସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ୧୬ ତମ ବାର୍ଷିକୋତ୍ସବ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବେଲଗୁଣ୍ଠା ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସନ୍ତୋଷ ମନ୍ତ୍ରୀ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ ବିପ୍ର ଚରଣ ରାଉତ ଯୋଗ ଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ରୋଟାରୀ କ୍ଲବ୍ ସଭାପତି ରଞ୍ଜିତ୍ କୁମାର ବାରିକ, ତନରଡା ସରପଞ୍ଚ ସସ୍ମିତା ପାଢୀ, ସମିତି ସଭ୍ୟ ଅଯୋଧ୍ୟା ନାଥ ବେହେରା, ବରିଷ୍ଠ ନାଗରିକ ରାମ ପ୍ରସାଦ ପଟ୍ଟନାୟକ ଯୋଗ ଦେଇଥିଲେ। ଅନୁଷ୍ଠାନ ଅଧକ୍ଷା ଚନ୍ଦ୍ରମା କୁମାରୀ ତ୍ରିପାଠୀ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସମ୍ପାଦକ ଗଗନ ବିହାରୀ ଲେଙ୍କା ଶିକ୍ଷାର ଦିଗ ଓ ଦିଶା ଉପରେ ବିସ୍ତୃତ ଅଭିଭାଷଣ ରଖିଥିଲେ। ଶିକ୍ଷକ ଛାୟାକାନ୍ତ ମହାପାତ୍ର ଏବଂ ଜିତେନ୍‌ଙ୍କ ସଂଯୋଜନାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଭିନ୍ନ ବର୍ଗରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ସିଲ ସହ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା।

# ଓଡ଼ିଆ କାବ୍ୟ କବିତା ବିଶ୍ୱ ଦରବାରରେ ପହଞ୍ଚାଇବା ଉଦ୍ୟମ ହେଉ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ବ୍ରହ୍ମପୁର,୨୬।୩(ଅଶୋକ କୁମାର ସାହୁ) ଓଡିଶା ସାହିତ୍ୟ ଏକାଡେମୀ ସହଯୋଗରେ ଅଖିଳ ଭାରତୀୟ ସାହିତ୍ୟ ପରିଷଦର ଗଞ୍ଜାମ ଶାଖା ଦ୍ୱାରା କୁଇନ ଅଫ ଦି ମିଶନ୍ସ ହାଇସ୍କୁଲ ପରିସରରେ ଏକ ସାଧାରଣ ସଭା ଓ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ପରିଷଦର ଜିଲା ଅଧକ୍ଷ ହରେକୃଷ୍ଣ ପଣ୍ଡା ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ନାଇଜରର ପ୍ରାକ୍ତନ କୂଳ ସଚିବ ତଥା ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଓଡ଼ିଶାର ଅଧକ୍ଷ ଡ଼ ଅଭୟ କୁମାର ନାୟକ, ସମ୍ମାନନୀୟ ଅତିଥି ଭାବେ ବ୍ରଜରାଜନଗର ମହିଳା କଲେଜ ପ୍ରାକ୍ତନ ପ୍ରାଧାପିକା ମଧୁସ୍ମିତା ସ୍ୱାଇଁ ଯୋଗ ଦେଇଥିଲେ। କାବ୍ୟ ଆଲୋଚକ ଭାବେ ଖଲ୍ଲିକୋଟ ଏକକ ବିଶ୍ୱ ବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ପ୍ରଫେସର ଡ଼ ଉଷା ରାଣୀ ରଥ ଓ ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗ ମୁଖ୍ୟ ଡ଼ ସମୀର ଭୋଇ ଯୋଗ ଦେଇ ଭାଷା ସାହିତ୍ୟର ପ୍ରଗତି ଓ ସଂସ୍କୃତିର ସୁରକ୍ଷା ଉପରେ ଲେଖିବା ସହିତ ଓଡ଼ିଆ କାବ୍ୟ କବିତା ବିଶ୍ୱ ଦରବାରରେ ପହଞ୍ଚାଇବା ଉଦ୍ୟମ କରିବାକୁ କହିଥିଲେ। କବି କୃଷ୍ଣ ଚନ୍ଦ୍ର ତ୍ରିପାଠୀ ଓ ନାରୀ କବି ଜ୍ୟୋସ୍ନା ରାଣୀ ଦେବୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କବି ଭିକାରୀ ଚରଣ ମହାପାତ୍ରଙ୍କ ତିନୋଟି ପୁସ୍ତକ ଅନାବରଣ କରାଯାଇଥିଲା। ରାଜ୍ୟ ସଙ୍ଗଠନ ସମ୍ପାଦକ ନାରାୟଣ ନାୟକ ପ୍ରଚ୍ଛଦ ପଟରେ ରହି ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।କାର୍ଯ୍ୟ କ୍ରମ ସଂଚାଳନ କରିଥିଲେ ସମ୍ପାଦକ କେଶବ ନାୟକ ଓ ଗୋପାଳ କୃଷ୍ଣ ପାଢ଼ୀ। ଦିତୀୟ ଅଧିବେଶନରେ ଡ଼ ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀଙ୍କ ଅଧକ୍ଷତାରେ କବିତା ଆସର ହୋଇଥିଲା। ଡ଼ କୈଳାସ ଚନ୍ଦ୍ର ତ୍ରିପାଠୀ ମୁଖ୍ୟ ଅତିଥି ତଥା ବଂଶୀଧର ସେଠୀ, ପଦ୍ମିନୀ ମିଶ୍ର ଓ ଆରତୀ ଶତପଥି ସମ୍ମାନନୀୟ ଅତିଥି ଥିଲେ। ୪୧ କବି କବିତା ପାଠ କରିଥିଲେ।

## ବିନାୟକ ଆଚାର୍ଯ୍ୟ କଲେଜରେ ଛାତ୍ରୀ ଆତ୍ମସୁରକ୍ଷା ପ୍ରଶିକ୍ଷଣ



ଅତିଥିଙ୍କ ଗହଣରେ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଛାତ୍ରୀମାନେ।

ବ୍ରହ୍ମପୁର,୨୬।୩(ସୁବାସ ଚନ୍ଦ୍ର ପାଢ଼ୀ) ବିନାୟକ ଆଚାର୍ଯ୍ୟ କଲେଜରେ ଗତ ୧୪ରୁ ଆରମ୍ଭ ହୋଇଥିବା ଛାତ୍ରୀ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଗୁରୁବାର ଉଦଯାପିତ ହୋଇଛି। ଏଥିରେ ଅଧକ୍ଷ ଡ. ଦେବରାଜ ସ୍ୱାଇଁଙ୍କ ପୌରୋହିତ୍ୟ କରିଥିଲେ। ବ୍ରହ୍ମପୁର ଆଞ୍ଚଳିକ ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ ପ୍ର. ନାରାୟଣ ବେହେରା ମୁଖ୍ୟଅତିଥି ଓ ସ୍ନାତକୋତ୍ତର ଓଡ଼ିଆ ବିଭାଗ ମୁଖ୍ୟ ଡ. କୁଳମଣି ଓଝା ମୁଖ୍ୟବକ୍ତା, ଗଣିତ ବିଭାଗ ମୁଖ୍ୟ କୃଷ୍ଣଚନ୍ଦ୍ର ବେହେରା, ଇଂରାଜୀ ବିଭାଗ ମୁଖ୍ୟ ଡ. ଆନନ୍ଦ ସେଠୀ, ହିନ୍ଦୀ ବିଭାଗ ମୁଖ୍ୟ ଗଙ୍ଗାଧର ବେହେରା, ବାଣିଜ୍ୟ ବିଭାଗ ମୁଖ୍ୟ କମଳାକାନ୍ତ ନାୟକ ଓ କ୍ରୀଡା ଶିକ୍ଷକ ଗୌରୀଶଙ୍କର ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଆତ୍ମସୁରକ୍ଷାର ବିଭିନ୍ନ ଦିଗ ଉପରେ କହିଥିଲେ। କାର୍ଯ୍ୟକ୍ରମର ଅଧିକାରୀ ଡ. ମଧୁମିତା ନାୟକ କାର୍ଯ୍ୟକ୍ରମ ସଂଚାଳନ ଓ ବାଣିଜ୍ୟ ବିଭାଗ ଛାତ୍ରୀ ଶିବାନୀ ମହାପାତ୍ର ସଂଯୋଜନା କରିଥିଲେ । ୨ ମାଷ୍ଟର୍ ଟ୍ରେନର୍ ୧୨ ଦିନ ଧରି +୩ ପ୍ରଥମ ବର୍ଷ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ ।

### ଶାଳୀଙ୍କୁ ବଳାତ୍କାର ପରେ ହତ୍ୟା ମାମଲା

# ଭିଣୋଇଙ୍କୁ ଆଜୀବନ କାରାଦଣ୍ଡ

ବ୍ରହ୍ମପୁର,୨୬।୩ (ସୁବାସ ଚନ୍ଦ୍ର ପାଢ଼ୀ): ଫାଷ୍ଟଟ୍ରାକ୍ ପୋକ୍‌ସୋ ଜଜ୍ ପ୍ରଣତି ପଟ୍ଟନାୟକ ଗୁରୁବାର ଏକ ନାବାଳିକା ବଳାତ୍କାର ଓ ହତ୍ୟା ମାମଲାର ବିଚାର କରି ଦୋଷୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଦୋଷୀ ଜଣଙ୍କ ହେଲେ ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ଥାନା ଅଞ୍ଚଳର ସନ୍ତୋଷ ଖଣ୍ଡେଇ(୨୭)। ଆଜୀବନ ଜେଲ ସହ ତାଙ୍କୁ ୫ ହଜାର ଟଙ୍କା ଜରିମାନା ହୋଇଛି। ଜରିମାନା ଅନାଦେୟ ଅଧିକ ୬ ମାସ ଜେଲ ଭୋଗିବାକୁ ହେବ ବୋଲି ଜଜ୍ ରାୟରେ ଉଲ୍ଲେଖ କରିଛନ୍ତି। ସେହିପରି ମୃତା ନାବାଳିକାଙ୍କ ପରିବାର ଲୋକଙ୍କୁ ୮ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରିବାକୁ ଜିଲା ଆଇନସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି ।

୨୦୨୩ ଅଗଷ୍ଟରେ ଜଗନ୍ନାଥପ୍ରସାଦ ଥାନା ଅନ୍ତର୍ଗତ ବରକୁଲିଆ ଜଙ୍ଗଲରୁ ପୋଲିସ ଜଣେ ୧୬ ବର୍ଷୀୟା ନାବାଳିକାଙ୍କ ମୃତଦେହ ଜବତ କରିଥିଲା । ନାବାଳିକାଙ୍କ ତଣ୍ଟିଚିପି ହତ୍ୟା କରାଯାଇଥିବା ମୃତଦେହ ବ୍ୟବଚ୍ଛେଦ ପରେ ଜଣାପଡିଥିଲା। ଏ ନେଇ ବୁଗୁଡା ଥାନାରେ ନଂ.୬୦୪/୨୩ରେ ମାମଲା ରୁଜୁ ହୋଇଥିଲା। ପୋଲିସ ଏହାର ତଦନ୍ତ କରି ଅଭିଯୁକ୍ତ ସନ୍ତୋଷଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ନାବାଳିକା ଏବଂ ଅଭିଯୁକ୍ତ ସମ୍ପର୍କରେ ଶାଳୀ-ଭିଣୋଇ ହୋଇଥିବାରୁ ସନ୍ତୋଷ ତାଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ଶାରୀରିକ ସମ୍ପର୍କ ରଖିଥିଲେ। ନାବାଳିକା ଜଣଙ୍କ ୬ମାସର ଗର୍ଭବତୀ ହୋଇଯିବା ପରେ ତାଙ୍କ ଗର୍ଭପାତ କରାଇବାକୁ ସେ ବ୍ରହ୍ମପୁର ଆଣିଥିଲେ। ହେଲେ କୌଣସି କାରଣରୁ ଗର୍ଭପାତ ହୋଇ ପାରି ନ ଥିଲା। ଗର୍ଭବତୀ ଶାଳୀଙ୍କୁ ସନ୍ତୋଷ ଘରକୁ ନେବା ବଦଳରେ ନିଜ ଗାଁ ନିକଟ ଜଙ୍ଗଲକୁ ନେଇ ସେଠାରେ ଚୁନିରେ ତାଙ୍କ ବେକକୁ ଚିପି ହତ୍ୟା କରିଥିଲେ । ପ୍ରମାଣ ନଷ୍ଟ ପାଇଁ ମୃତଦେହ ଉପରେ ଗଛଡାଳ ପକାଇ ସେଠାରୁ ଚମ୍ପଟ ମାରିଥିଲେ ବୋଲି ତଦନ୍ତରୁ ଜଣାପଡିଥିଲା । ମାମଲାର ତଦନ୍ତ ଅଧିକାରୀ ଅର୍ଜୁନ କଅଁର କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ । ବିଚାର ବେଳେ ୧୧ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନାରାୟଣ ପଣ୍ଡା ମାମଲା ପରିଚାଳନା କରୁଥିଲେ ।



















